ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/319/29-05-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୨୯ ମଇ, ୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ବାତ୍ୟା 'ୟାସ୍' ପ୍ରଭାବିତ ଅଞ୍ଚଳରେ ପୁନଃଥଇଥାନ ପାଇଁ ୫୦୦ କୋଟି ଟଙ୍କାର ସହାୟତା ଘୋଷଣା କରିଥିବାରୁ ମାନ୍ୟବର ପ୍ରଧାନ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି । ବିପର୍ଯ୍ୟୟ ପ୍ରତିରୋଧୀ ଦୃଢ଼ ଭିତ୍ତିଭୂମି ନିର୍ମାଣ ପାଇଁ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ଦୀର୍ଘକାଳୀନ ବିପର୍ଯ୍ୟୟ ପ୍ରଶମନ ଦିଗରେ କାର୍ଯ୍ୟ କରିବୁ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶାର ଅନୁରୋଧକୁ ସମ୍ମାନ ଜଣାଇ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ବିପର୍ଯ୍ୟୟ ମୁକାବିଲା ପାଇଁ ଦୃଢ଼ ଭିତ୍ତିଭୂମି ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରିଥିବାରୁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ବିପର୍ଯ୍ୟୟ ମୁକାବିଲା ପାଇଁ ଦୃଢ଼ ଭିତ୍ତିଭୂମି ଦ୍ୱାରା ବାରମ୍ବାର ବାତ୍ୟା ଦ୍ୱାରା ପ୍ରଭାବିତ ହେଉଥିବା ଓଡ଼ିଶା ବିଶେଷ ଉପକୃତ ହେବ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଠିକ୍ ସମୟରେ ନିଷ୍ପତ୍ତି ନେବା, ସୁଦୃଢ଼ ସ୍ଥାନାନ୍ତରଣ ପ୍ରକ୍ରିୟା ଏବଂ ଉଦାର ଆଭିମୁଖ୍ୟ ସହିତ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଏକ ଉଦାହରଣ ସୃଷ୍ଟି କରିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟର 'ସମସ୍ତ ଜୀବନ ମୂଲ୍ୟବାନ' ମନ୍ତ୍ର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଅସଂଖ୍ୟ ଜୀବନ ରକ୍ଷା କରୁଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ଅତିରିକ୍ତ ବୈଶିଷ୍ଟ୍ୟ ସହିତ ଲୋକଙ୍କୁ କୋଭିଡ୍-୧୯ ଟିକାକରଣ, ଶଯ୍ୟାର ଉପଲବ୍ଧତା ଏବଂ ଅମ୍ଳଜାନ ସହାୟତା ଆଦି ସୂଚନା ପ୍ରଦାନକୁ ସରଳ କରିବା ଉଦ୍ଦେଶ୍ୟରେ ହ୍ୱାଟସ୍ଆପ୍‌ରେ ନବୀକୃତ କୋଭିଡ୍ ହେଲ୍ପ ଡେସ୍କ ସେବାକୁ ସଂଯୋଗ କରିଛନ୍ତି । ଲୋକମାନେ ହ୍ୱାଟସ୍ଆପ୍ ମାଧ୍ୟମରେ ଟିକାକରଣ ରିପୋର୍ଟ ମଧ୍ୟ ଡାଉନ୍‌ଲୋଡ୍ କରିପାରିବେ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କୋଭିଡ୍-୧୯ ମହାମାରୀର ଭବିଷ୍ୟତ ଲହରୀର ମୁକାବିଲା ଏବଂ ସ୍ୱାସ୍ଥ୍ୟସେବାକୁ ସଶକ୍ତ କରିବା ପାଇଁ ରାଜ୍ୟର ପ୍ରଥମ କୋଭିଡ୍ ପରାମର୍ଶଦାତା କମିଟି ବୈଠକରେ ଦେଶର ସର୍ବୋଚ୍ଚ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ିଛନ୍ତି ।

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର ତଥା ଲେଖକ ବସନ୍ତ ଦାସଙ୍କ ଦେହାନ୍ତରେ ଦୁଃଖ ପ୍ରକାଶ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ବାତ୍ୟା 'ୟାସ୍' ସମୟରେ ସମ୍ବେଦନଶୀଳ ଲୋକମାନଙ୍କ ସୁରକ୍ଷା ନିମନ୍ତେ ସ୍ଥାନାନ୍ତରଣ କାର୍ଯ୍ୟ ପାଇଁ ନିଜ ମା'ଙ୍କର ଶେଷକୃତ୍ୟ ପରେ ମାର୍ଶାଘାଇ ଥାନାର ଇନସ୍‌ପେକ୍ଟର ଇନ୍ ଚାର୍ଜ ଶ୍ରୀ କାଳନ୍ଦି ବେହେରା କାର୍ଯ୍ୟରେ ଯୋଗଦେଇଥିବାରୁ ତାଙ୍କ ନିଷ୍ଠାପରତାର ପ୍ରଶଂସା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କୋରାପୁଟର ୮୫ ବର୍ଷୀୟ ଚତ୍ରୁଗୁନ୍ ସିଂ ଓ ବଲାଙ୍ଗୀରର ୮୩ ବର୍ଷୀୟ ବିନେନ୍ତା ସିଂ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇ ଘରକୁ ଫେରିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି । ରାଜ୍ୟରେ ଉତ୍ତମ ସେବା ବ୍ୟବସ୍ଥା ସହ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିଷ୍ଠାପର ଉଦ୍ୟମ କୋଭିଡ୍-୧୯ ସଂକ୍ରମିତଙ୍କ ଜୀବନ ସୁରକ୍ଷିତ କରୁଛି ବୋଲି ସେ କହିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୧,୧୬,୪୫,୪୦୨ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୭,୪୭, ୧୪୩ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୬,୫୮, ୬୪୬ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୨୬୮୬ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୮୫,୭୫୮ ରହିଛି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'